# ଠିକ୍ ଉତ୍ତର ବାଛ

ଆମ ମଣିଷମାନଙ୍କୁ ________________ ପ୍ରାଣୀ ବୋଲି କୁହାଯାଏ। ଆମ ଶରୀରରେ ଥିବା କୋଷ ଗୁଡ଼ିକ ________________। କୋଷ ଭିତରେ ଅନେକ ଗୁଡ଼ିଏ ଅଙ୍ଗିକା ଥାଏ। ସେମାନଙ୍କୁ କେବଳ ________________ ସାହାଯ୍ୟରେ ଦେଖିହେବ। କୋଷ ଭିତରେ ଥିବା ________________ କୁ ଶକ୍ତି କେନ୍ଦ୍ର କୁହାଯାଏ ଏବଂ ତା ଭିତରେ ଥିବା ________________ କୁ ଶକ୍ତିମୁଦ୍ରା କୁହାଯାଏ। ତାର ନିଜସ୍ୱ ଡି.ଏନ୍.ଏ ଓ ରାଇବୋଜୋମ୍ ଥିବାରୁ ତାକୁ ________________ ଅଙ୍ଗିକା ବୋଲି କୁହାଯାଏ। ଉଦ୍ଭିଦମାନଙ୍କ ପାଖରେ ଅନେକ ଗୁଡ଼ିଏ ________________ ନାମକ ଛୋଟ ବଡ଼ ଥଳି ଥାଏ ଏବଂ ଏହା ଉଦ୍ଭିଦ କୋଷର ________________ ନିୟନ୍ତ୍ରଣ କରିଥାଏ। ଆଦିପ୍ରାଣୀମାନଙ୍କରେ ଥିବା ________________ ଜଳ ନିୟନ୍ତ୍ରଣ ଓ ________________ ପାଚନ କ୍ରିୟାରେ ସାହାଯ୍ୟ କରେ। ________________ କୋଷ ଝିଲ୍ଲୀ ନିର୍ମାଣରେ ସାହାଯ୍ୟ କରିଥାଏ ଏବଂ ________________ କୋଷ ଭିତ୍ତି ନିର୍ମାଣରେ ସାହାଯ୍ୟ କରିଥାଏ। ________________ ର ନିର୍ଦ୍ଦେଶରେ **mRNA** ରାଇବୋଜୋମ୍ ସହ ମିଶି ପୁଷ୍ଟିସାର ସଂଶ୍ଳେଷଣ କରେ ଏବଂ ଏଥିରେ ଏମିନୋ ଅମ୍ଳ ବହନ କରିଥିବା ________________ ସାହାଯ୍ୟ କରିଥାଏ। ଶରୀର ଭିତରେ ଯେଉଁ କୋଷଟି କ୍ଷତିଗ୍ରସ୍ତ ବା ରୁଗ୍ଣ ହୋଇଯାଆନ୍ତି, ________________ ଭିତରେ ଥିବା ପାଚକ ଏନ୍‌ଜାଇମ୍ କୋଷରେ ଜୈବିକ ଅଣୁର ପତନ ଘଟାଇଥାଏ। ସେଥିପାଇଁ ତାଙ୍କୁ ________________ ଆଖ୍ୟା ଦିଆଯାଇଛି। ମୃତ କୋଷ ଓ କ୍ଷତ କୋଷକୁ ଏହା ଛୋଟ ଛୋଟ କରି ନଷ୍ଟ କରୁଥିବାରୁ ତାକୁ ________________ କୁହାଯାଏ। ଉଦ୍ଭିଦ କୋଷରେ ________________ କୁ ରନ୍ଧନଶାଳା କୁହାଯାଏ। କୋଷ ଭିତରେ ଥିବା ଗୋଲାକାର ଅଂଶକୁ ________________ କୁହାଯାଏ ଏବଂ ସେଠାରେ ଥିବା ________________ ରାଇବୋଜୋମ୍ ତିଆରି କରିଥାଏ। ସେଠାରେ ଥିବା ସୂତାଭଳି ଅଂଶକୁ ________________ କୁହାଯାଏ। ________________ କୋଷଠାରେ ଦ୍ୱିଗୁଣିତ କ୍ରୋମୋଜୋମ୍ ସଂଖ୍ୟା ଥିବା ବେଳେ ________________ କୋଷଠାରେ ଏକଗୁଣ କ୍ରୋମୋଜୋମ୍ ସଂଖ୍ୟା ଥାଏ।